# ସମ୍ବଲପୁରର ଗାନ୍ଧୀ ସ୍ୱର୍ଗତ ନୃସିଂହ ଗୁରୁ

ତାରାକାନ୍ତ ଗୁରୁ

ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିବା ସମ୍ବଲପୁର ସେ ସମୟର ବର୍ଷୀୟାନ ପୋଖତ ସାମ୍ବାଦିକ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ୰ ନୃସିଂହ ଗୁରୁଙ୍କ ଆଜି ଶ୍ରାଦ୍ଧ ଦିବସ । ସେ ଗତ ୧୯୦୨ ମସିହା ଫାଲଗୁନ ପୂର୍ଣ୍ଣିମା ଦିନ ସମ୍ବଲପୁର ଜିଲ୍ଲା ଶାସନ ଥାନାନ୍ତର୍ଗତ ଗୁରୁପାଲି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ଓ ସେ ୧୯୮୪ ମସିହା ଜାନୁଆରୀ ମାସର ୨ ତାରିଖ ରାତ୍ରି ସମୟରେ ଅର୍ଥାତ୍ ଆଜିପରି ପୌଷ ମାସର ଅମାବାସ୍ୟା ତିଥିରେ ତାଙ୍କର ଶ୍ୱଶୁରାଳୟ ମଧ୍ୟପ୍ରଦେଶର ରାୟଗଡ ଜିଲ୍ଲାନ୍ତର୍ଗତ ସାରଙ୍ଗଗଡ ବାସଭବନକୁ ଏକ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଯାଇ ଶେଷ ନିଃଶ୍ୱାସ ତ୍ୟାଗ କଲେ ୮୨ ବର୍ଷ ବୟସରେ ।

ମାତୃକୁଳ ଓ ପିତୃକୁଳର ସେ ପ୍ରଥମ ପୌତ୍ର ରୂପେ ଜନ୍ମଗ୍ରହଣ କରିଥିଲେ ଏବଂ ସେଥିପାଇଁ ଉଭୟ କୁଳ ତାଙ୍କ ଲାଳନପାଳନ ଓ ଶିକ୍ଷା, ସ୍ୱାସ୍ଥ୍ୟ ପ୍ରତି ବିଶେଷ ଦୃଷ୍ଟି ଦେଉଥିଲେ । ଗ୍ରାମରୁ ଶାସନ ଉ.ପ୍ରା. ବିଦ୍ୟାଳୟ ଦୁଇ କିଲୋମିଟର ଦୂର । ଉକ୍ତ ବିଦ୍ୟାଳୟର ହେଡପଣ୍ଡିତ ସ୍ୱର୍ଗୀୟ ସାଗର ପାଢୀ ତାଙ୍କୁ ପରୀକ୍ଷା କରି ଦୁଇଟି ତମ୍ବା ପଇସା ପାରିତୋଷିକ ନେଇ ଉକ୍ତ ବିଦ୍ୟାଳୟରେ ପ୍ରବେଶ କରାଇଥିଲେ । ଗ୍ରାମରୁ ବିଦ୍ୟାଳୟକୁ ଏତେ ବାଟ ଚାଲି ପୁଣି ସେତେବେଳେ ଦୁଇଓଳି ପାଠପଢା ହେଉଥିବାରୁ ପାଠପଢାରେ ସୁବିଧା ହେଉନଥିବ ଭାବି ତାଙ୍କ ମାତା ସ୍ୱର୍ଗୀୟା ରୁକ୍ମିଣୀ ଦେବୀ ତାଙ୍କ ମାତୁଳାଳୟ ଅତାବିରା ଥାନାନ୍ତର୍ଗତ ସରଣ୍ଡା ଗ୍ରାମରେ ରହି ପଢିବାର ବ୍ୟବସ୍ଥା କରିଥିଲେ । ତାଙ୍କ ମେଧାଶକ୍ତି ଉପଲବ୍ଧି କରି ତାଙ୍କୁ ଗୋଟିଏ ବର୍ଷରେ ପ୍ରଥମ ଓ ଦ୍ୱିତୀୟ ଏ ଦୁଇଟି ଶ୍ରେଣୀରୁ ଉତ୍ତୀର୍ଣ୍ଣ କରି ଦିଆଯାଇଥିଲା । ସେହି ବିଦ୍ୟାଳୟର ପାଠ୍ୟ ପୁସ୍ତକ ବାହାରେ ଅଙ୍କ ପ୍ରଶ୍ନ ସମାଧାନ, ଲୀଳାବତୀ ସୂତ୍ର ଆଦିରୁ ଗଣିତ ଶିକ୍ଷା ଏବଂ ଓଡିଶା ବ୍ୟାକରଣ ଓ ସମ୍ବଲପୁରର ପଟ୍ଟନାୟକପଡା ସ୍କୁଲରେ ସ୍ୱର୍ଗୀୟ ଆଚାର୍ଯ୍ୟ ହରିହର ଦାଶଙ୍କ ପ୍ରଣୀତ ଚାଇଲଡ୍ ଇଜି ଫଷ୍ଟଗ୍ରାମାର ତାଙ୍କ ଶିକ୍ଷାର ଶେଷ ସମୟ ପର୍ଯ୍ୟନ୍ତ ଅଙ୍କ, ସାହିତ୍ୟ ଓ ଇଂରାଜୀରେ ସହାୟକ ହୋଇଥିଲା ।

ସେ ମଧଇଂରାଜୀ ବୃତ୍ତି ପାଇ ସମ୍ବଲପୁର ଜିଲ୍ଲା ସ୍କୁଲରେ ପ୍ରବେଶ କରି ଛାତ୍ରାବାସରେ ରହିବା ବେଳେ ଆଦର୍ଶ ଶିକ୍ଷକ ୰ କୃଷ୍ଣଚନ୍ଦ୍ର,ସେନ୍ ଗୁପ୍ତଙ୍କ ସାନ୍ନିଧ ଲାଭ କରି ସ୍ୱଦେଶୀ ବ୍ୟବହାର, ନୀତିଶିକ୍ଷା ପ୍ରତିଯୋଗିତା ଆଦିର ପ୍ରେରଣା ଲାଭ କରିଥିଲେ ।

ମାତୁଳାଳୟ ସରଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୰ ଗୁରୁ ଅଧ୍ୟୟନକଲା ବେଳେ ତାଙ୍କ ମାତାମହଙ୍କ ପାଖକୁ ୰ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ ଦେବଗଡଠାରେ ପ୍ରକାଶିତ ସାପ୍ତାହିକ 'ଉତ୍କଳ ହିତୈଷିଣୀ' ଖଣ୍ଡେ ଲେଖାଏଁ ଆସୁଥିଲା । ଉକ୍ତ ସାପ୍ତାହିକ ପଢି ସମ୍ବାଦପତ୍ର ବିଷୟରେ ତାଙ୍କର ଧାରଣା ଜନ୍ମିଥିଲା ।

ସମ୍ବଲପୁର ପଟ୍ଟନାୟକପଡା ମାଇନର ସ୍କୁଲରେ ଅଧ୍ୟୟନ କଲାବେଳେ ସେ କିଛିକାଳ ପ୍ରେଂଜର ପ୍ରେସ୍ ରେ 'ଉତ୍କଳ ସେବକ'ର ତଦାନୀନ୍ତନ ସମ୍ପାଦକ ୰ ବିନ୍ଧ୍ୟାଧର ମିଶ୍ରଙ୍କ ଅଭିଭାବକତ୍ୱରେ ରହିଥିଲେ। ଏସବୁ ପଢିବାର ସୁଯୋଗ ଲାଭ କରି ସମ୍ବାଦପତ୍ର ପ୍ରତି ତାଙ୍କର ଆଗ୍ରହ ଜନ୍ମିଥିଲା ।

୧୯୨୧ ରେ ଅସହ ଯୋଗ ଆନ୍ଦୋଳନରେ ସ୍ୱର୍ଗତ ଗୁରୁ ଯୋଗଦେବା ପରେ ମହାତ୍ମାଗାନ୍ଧୀ ଙ୍କ ଦ୍ୱାରା ସମ୍ପାଦିତ ୟଙ୍ଗ ଇଣ୍ଡିଆ ପତ୍ରିକା ପଢିବାର ସୁଯୋଗ ତାଙ୍କୁ ମିଳିଥିଲା । ସମ୍ବଲପୁରରୁ ସ୍ୱର୍ଗତ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସମ୍ପାଦନାରେ 'ସେବା' ସାପ୍ତାହିକ ପତ୍ରିକା ପ୍ରକାଶିତ ହୋଇଥିଲା। ୧୯୨୯ ଲବଣ ସତ୍ୟାଗ୍ରହ ଆରମ୍ଭ ପରେ ପରେ ସେ 'ସମାଜ' ପତ୍ରିକାକୁ ସମ୍ବାଦ ପଠାଇବା ଆରମ୍ଭ କରିଥିଲେ । ୧୯୩୨ ରୁ ସେ ବିଧିବଦ୍ଧ ଭାବରେ 'ସମାଜ'ର ସମ୍ବାଦଦାତା ରୂପେ ସମ୍ବାଦ ପରିବେଷଣ କରିଥିଲେ ।

ସମ୍ପାଦକ ଡକ୍ଟର ରାଧାନାଥ ରଥ ଙ୍କ ସଦିଚ୍ଛା ଯୋଗୁଁ ୰ ଗୁରୁ 'ସମାଜ'ର ସେବାରେ ୫୦ ବର୍ଷରୁ ଊର୍ଦ୍ଧ୍ୱସମୟ ଅତିବାହିତ କରି ପାରିଥିଲେ ।

ସମ୍ବଲପୁରରେ ତାଙ୍କ ରହିବା ପାଇଁ ନିଜର ଘର ଖଣ୍ଡିଏ ନ ଥିବାରୁ ସେ କେତେବର୍ଷ ଏଠାରୁ ୧୫ କିଲୋମିଟର ଦୂର ନିଜ ଗ୍ରାମରୁ ଯିବା ଆସିବା କରି ଅବୈତନିକ ଭାବେ ସମ୍ବାଦ ପରିବେଷଣ କରିଥିଲେ। ପରେ ତାଙ୍କର ମାସିକ ପ୍ରାପ୍ୟ ପାଞ୍ଚ ଟଙ୍କାରୁ ଆରମ୍ଭ ହୋଇ ମୃତ୍ୟୁର ପାଞ୍ଚବର୍ଷ ଆଗରୁ ମାତ୍ର ୨୫୦ ଟଙ୍କାରେ ପହଞ୍ଚିଥିଲା ।

ସେ ସାମ୍ବାଦିକତା କ୍ଷେତ୍ରରେ ସରକାରୀ, ବେସରକାରୀ ଓ ଦଳମତ ନିର୍ବିଶେଷରେ ସର୍ବୋପରି ଜନସାଧାରଣଙ୍କ ଯେଉଁ ସର୍ବାଧିକ ସହାନୁଭୂତି ଓ ବିଶ୍ୱାସ ଲାଭ କରିଥିଲେ ତାହାହିଁ ତାଙ୍କର ସମ୍ବଳ ଥିଲା, ତ ଥିଲା ଧନ, ସମ୍ପତ୍ତି ଓ କ୍ଷମତା ପ୍ରତି ଲାଳସା ।

ମୁଦିପଡା, ସମ୍ବଲ